*1954*
*ଅକ୍ଟୋବର 12.*

ଦେୱାନ ବାହାଦୁର ସେଠ୍ ଗୋପାଳ ଦାସ ମୋହତା

ବନାମ.

ଭାରତ ସଂଘ ଏବଂ ଅନ୍ୟମାନେ

[ମୁଖ୍ୟ ନ୍ୟାୟାଧୀଶ ମେହେର୍ ଚାନ୍ଦ୍ ମହାଜନ୍, ଏସ୍. ଆର୍. ଦାସ,

ଗୁଲାମ୍ ହସନ୍, ଭଗବତୀ

ଏବଂ ଭେଙ୍କଟରାମା ଆୟର, ନ୍ୟାୟାଧୀଶବୃନ୍ଦ]

*ଭାରତର ସମ୍ବିଧାନ, ଅନୁଚ୍ଛେଦ 32 - ଆୟ ଉପରେ କର (ଅନୁସନ୍ଧାନ ଆୟୋଗ) ଅଧିନିୟମ, 1947 (1947 ର XXX) ଧାରା 5 (1)- କରଦାତାଙ୍କ ଦ୍ୱାରା କରାଯାଇଥିବା ଲାଭ ଏବଂ ତାଙ୍କ ଦ୍ୱାରା ଦେୟ କର ସମ୍ପର୍କରେ ଆୟୋଗଙ୍କ ଦ୍ୱାରା ତଦନ୍ତ ଏବଂ ବିବୃତି - କରଦାତା ଏବଂ ସରକାରଙ୍କ ମଧ୍ୟରେ ପାରସ୍ପରିକ ସମାଧାନ/ବନ୍ଦୋବସ୍ତ - ଅନୁଚ୍ଛେଦ 32 ଅନୁଯାୟୀ ଏହି ଆବେଦନ - ସକ୍ଷମ କି ।*

ଜଣେ ବ୍ୟବସାୟୀ ଭାବେ ଆବେଦନକାରୀ ଯୁଦ୍ଧ ବର୍ଷଗୁଡିକରେ ବିପୁଳ ଲାଭ କରିଥିବା ଅଭିଯୋଗ ହୋଇଥିଲା ଏବଂ ଆୟକର (ଅନୁସନ୍ଧାନ ଆୟୋଗ) ଅଧିନିୟମ, 1947ର (1947ର XXX) ଧାରା 5 (1) ଅନୁଯାୟୀ କାର୍ଯ୍ୟ କରୁଥିବା କେନ୍ଦ୍ର ସରକାର ତାଙ୍କ ମାମଲାକୁ ତଦନ୍ତ ଏବଂ ଲିଖିତ ବିବରଣୀ ପାଇଁ ଅନୁସନ୍ଧାନ ଆୟୋଗକୁ ପଠାଇଥିଲେ । 1947 ର ଅଧିନିୟମ XXX ର ଧାରା 8-A ର ପ୍ରାବଧାନ ଅନୁଯାୟୀ ତଦନ୍ତର ବିଚାରାଧୀନ ସମୟରେ ଆବେଦନକାରୀଙ୍କ ସମାଧାନ ପାଇଁ ଆବେଦନକାରୀଙ୍କ ଆବେଦନକୁ କେନ୍ଦ୍ର ସରକାର ଗ୍ରହଣ କରିଥିଲେ ଏବଂ ଏହା ଅନୁସାରେ କିସ୍ତିରେ କର ପ୍ରଦାନ କରାଯାଇଥିଲା ଏବଂ ଏହିପରି ଏଡ଼େଇ ଦେଇଥିବା ଆୟକର ଦାବି ଶେଷରେ ପାରସ୍ପରିକ ଚୁକ୍ତିନାମା ଦ୍ୱାରା ସମାଧାନ କରାଯାଇଥିଲା । ଯେତେବେଳେ 4 ଲକ୍ଷ ଏବଂ କିଛି ଟଙ୍କାର କିସ୍ତି ଏପର୍ଯ୍ୟନ୍ତ ବକେୟା ଥିଲା, ଆବେଦନକାରୀ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ବର୍ତ୍ତମାନର ଆବେଦନକୁ ଆଗତ କରିଥିଲେ ଏବଂ 1947 ର ଅଧିନିୟମ XXX ଅନୁଯାୟୀ ଅଭିଯୋଗ କରିଥିଲେ ଯେ ସମ୍ପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ଅବୈଧ, କ୍ଷମତାତୀତ, ଅସାମ୍ବିଧାନିକ ଥିଲା, ଆୟକର କର୍ତ୍ତୃପକ୍ଷ ତାଙ୍କଠାରୁ ବକେୟା ରାଶି ଆଦାୟ କରିବାକୁ ସକ୍ଷମ ନଥିଲେ ଏବଂ ଅଧିନିୟମର ଉପଧାରା 5, 6, 7 ଏବଂ 8 କ୍ଷମତାତୀତ ଥିଲା କାରଣ ସେମାନେ ସମ୍ବିଧାନର ଅନୁଚ୍ଛେଦ 14, 19 (1) (f) ଏବଂ 31 ଲଘଂନ କରିଥିଲେ ।

*1954*

*ସେଠ୍ ଗୋପାଳ ଦାସ ମୋହତା*
*ବନାମ.*
*ଭାରତ ସଂଘ ଏବଂ ଅନ୍ୟମାନେ*

*ମୁଖ୍ୟ ନ୍ୟାୟାଧୀଶ ମହାଜନ୍*

*ନିର୍ଣ୍ଣୟ* ନିଆଗଲା ଯେ, ଅନୁଚ୍ଛେଦ 32 ଅନୁଯାୟୀ ଆବେଦନଟି ସକ୍ଷମ ନୁହେଁ ଯେହେତୁ ଆବେଦନକାରୀ ଠାରୁ ଯାହା ପୂର୍ବରୁ ପୈଠ ହୋଇସାରିଛି କିମ୍ବା ଯାହା ଏପର୍ଯ୍ୟନ୍ତ ଆଦାୟ ଯୋଗ୍ୟ ଥିଲା, ସେସବୁକୁ ସମାଧାନ 774 ଆଧାରରେ ତାଙ୍କର ଏବଂ ସରକାରଙ୍କ ମଧ୍ୟରେ ଅସୁଲ କରାଯାଉଥିଲା । ଅନୁଚ୍ଛେଦ 32 ଜଣେ ବ୍ୟକ୍ତିଙ୍କ ସ୍ୱେଚ୍ଛାକୃତ କାର୍ଯ୍ୟ ବିରୁଦ୍ଧରେ ଆଶ୍ୱସ୍ତି ପାଇଁ ଉଦ୍ଦିଷ୍ଟ ନୁହେଁ ।

*ସୁରଜ୍ ମଲ୍ ମୋହତା ଏବଂ କୋ ବନାମ ଏ. ଭି. ବିଶ୍ୱନାଥ ଶାସ୍ତ୍ରୀ* (ଏ.ଆଇ.ଆର. 1954 ଏସ୍.ସି. 545) କୁ ଉଲ୍ଲେଖ କରାଯାଇଛି ।

ମୂଳ ଅଧିକାରିତା : 1954ର ଆବେଦନ ସଂଖ୍ୟା 315 ।

ମୌଳିକ ଅଧିକାର କାର୍ଯ୍ୟକାରୀ କରିବା ପାଇଁ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ଏହି ଆବେଦନ ।

ଆବେଦନକାରୀଙ୍କ ପାଇଁ *ଏଚ୍. ଜେ. ଉମ୍ରିଗର, ନାରାୟଣ ଆଣ୍ଡଲେ, ଜେ. ବି. ଦାଦାଚାଞ୍ଜି* ଏବଂ *ରାଜିନ୍ଦର୍ ନାରାୟଣ* ।

ଉତ୍ତରଦାତାମାନଙ୍କ ପାଇଁ *ଭାରତର ଆଟର୍ଣ୍ଣି-ଜେନେରାଲ ଏମ୍. ସି. ସେତଲୱାଡ* ଏବଂ *ଭାରତର ସଲିସିଟର-ଜେନେରାଲ ସି. କେ. ଡାଫ୍ଟାରୀ* (ସେମାନଙ୍କ ସହିତ *ଜି. ଏନ୍. ଯୋଶୀ, ପୋରସ୍ ଏ. ମେହେଟ୍ଟା* ଏବଂ *ପି. ଜି. ଗୋଖଲେ*) ।

1954 ମସିହା ଅକ୍ଟୋବର 21 ତାରିଖରେ ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା

ମୁଖ୍ୟ ନ୍ୟାୟାଧୀଶ ମେହରଚାନ୍ଦ୍ ମହାଜନ୍ ଙ୍କ ଦ୍ୱାରା - ଏହି ପ୍ରସଙ୍ଗରେ ଆବେଦନକାରୀ ମଧ୍ୟପ୍ରଦେଶର ଅକୋଲାର ବାସିନ୍ଦା ଏବଂ ସେ ତୈଳ କାରଖାନା, ବ୍ୟାଙ୍କ କାରବାର, ଋଣ ପ୍ରଦାନ ଆଦି ବିଭିନ୍ନ କ୍ଷେତ୍ରର ବ୍ୟବସାୟରେ ସମ୍ପୃକ୍ତ । ଯୁଦ୍ଧ ସମୟରେ ସେ ବିପୁଳ ଲାଭ କରିଥିଲେ କିନ୍ତୁ ଟିକସ ଫାଙ୍କିଥିବା ଅଭିଯୋଗ ହୋଇଛି । 1948 ମସିହାରେ କେନ୍ଦ୍ର ସରକାର, ଆୟକର ଟିକସ (ଅନୁସନ୍ଧାନ କମିଶନ) ଅଧିନିୟମ, 1947 ର ଧାରା 5 (1) ଅନୁଯାୟୀ କାର୍ଯ୍ୟ କରି, 1 ଜାନୁଆରୀ 1939 ରୁ ଆରମ୍ଭ ହୋଇ 31 ଡିସେମ୍ବର 1947 ରେ ଶେଷ ହୋଇଥିବା ଅବଧି ମଧ୍ୟରେ ତାଙ୍କ ଦ୍ୱାରା କରାଯାଇଥିବା ଲାଭ ସମ୍ପର୍କରେ ତଦନ୍ତ ଏବଂ ଲିଖିତ ବିବରଣୀ ପାଇଁ ତାଙ୍କ ମାମଲାକୁ ଅନୁସନ୍ଧାନ କମିଶନଙ୍କ ନିକଟକୁ ପଠାଇଥିଲେ । ତଦନ୍ତ ପରେ ଆୟୋଗ 28 ଫେବୃଆରୀ 1951ରେ ଲିଖିତ ବିବରଣୀ ଦେଇଥିଲେ ଯେ ଆବେଦନକାରୀଙ୍କ ଆୟ ଗୁପ୍ତ ରଖାଯାଇଥିଲା ଏବଂ 27,25,363 ଟଙ୍କା ଟିକସରୁ ସ୍ଥଗିତ ରଖାଯାଇଥିଲା ଏବଂ ତାଙ୍କ ଦ୍ୱାରା ଦେୟ ଟିକସ 18,44,949. ଟଙ୍କା ଥିଲା ।

ଅନୁସନ୍ଧାନର ବିଚାରକାଳ ସମୟରେ ଆବେଦନକାରୀ 1947 ଅଧିନିୟମ XXX ର ଧାରା 8-A ର ପ୍ରାବଧାନ ଅନୁଯାୟୀ ସମାଧାନ ପାଇଁ ଆବେଦନ କରିଥିଲେ । ଏହି ଆବେଦନକୁ ଆୟୋଗଙ୍କ ଲିଖିତ ବିବରଣୀ ସହିତ କେନ୍ଦ୍ର ସରକାରଙ୍କୁ ପଠାଯାଇଥିଲା । ସାମାଧନର ଆବେଦନରେ ଆବେଦନକାରୀ ପ୍ରସ୍ତାବ ଦେଇଥିଲେ ଯେ ସେ ନିମ୍ନମତେ Rs.18,44,949 ରାଶି ଦେବାକୁ ପ୍ରସ୍ତୁତ ଅଛନ୍ତି ।

25-6-1951ରେ କିମ୍ବା ତା'ପୂର୍ବରୁ - 3,44,949 ଟଙ୍କା

25-3-1952 ରେ କିମ୍ବା ତା'ପୂର୍ବରୁ - 5,00,000 ଟଙ୍କା

25-3-1953 ରେ କିମ୍ବା ତା'ପୂର୍ବରୁ - 5,00,000 ଟଙ୍କା

25-3-1954ରେ କିମ୍ବା ତା'ପୂର୍ବରୁ - 5,00,000 ଟଙ୍କା

ଏବଂ ତାଙ୍କ ଦ୍ୱାରା ପୂର୍ବରୁ ପ୍ରଦାନ କରାଯାଇଥିବା 32,034-4-6 ରାଶି ପାଇଁ ତାଙ୍କୁ ସ୍ୱୀକୃତି ଦିଆଯିବ । କେନ୍ଦ୍ର ସରକାର ଏହି ପ୍ରସ୍ତାବକୁ ସ୍ୱୀକାର କରିଥିଲେ ଏବଂ ଆୟକର-ଟିକସ ଏଡ଼େଇଥିବା ଦାବି ଶେଷରେ ପାରସ୍ପରିକ ସହମତି ଦ୍ୱାରା ସମାଧାନ କରାଯାଇଥିଲା । ପରବର୍ତ୍ତୀ ସମୟରେ, କରଦାତା ଏହି କିସ୍ତିଗୁଡ଼ିକ ପୈଠ କରିବା ପାଇଁ ଅଧିକ ସମୟ ମାଗିଥିଲେ ଏବଂ ଏହା ମଧ୍ୟ ସମୟ ସମୟରେ ମଞ୍ଜୁର କରାଯାଇଥିଲା ।

1951 ମସିହା ଜୁଲାଇ ମାସ 16 ତାରିଖ ଠାରୁ ଆରମ୍ଭ ହୋଇ 1954 ମସିହା ଏପ୍ରିଲ ମାସ 10 ତାରିଖ ପର୍ଯ୍ୟନ୍ତ, ଆବେଦନକାରୀ ମୋଟ ପ୍ରାୟ 14,00,000 ଟଙ୍କା ଟିକସ ଫାଙ୍କି ଦେବା ପାଇଁ ସ୍ୱେଚ୍ଛାକୃତ ଭାବରେ ରାଜି ହୋଇ ଦାୟିତ୍ୱ ନିର୍ବାହ କରିଥିଲେ । ଏବେ ମଧ୍ୟ 450,000 ଟଙ୍କା ବକେୟା ରହିଛି ଏବଂ ଏହା 25 ମାର୍ଚ୍ଚ, 1955 ପର୍ଯ୍ୟନ୍ତ କିସ୍ତିରେ ପରିଶୋଧ କରାଯିବ । ସମାଧାନର ସର୍ତ୍ତାବଳୀ ମଧ୍ୟରୁ ଗୋଟିଏ ସର୍ତ୍ତରେ ଆବେଦନକାରୀ ଆୟକର ଆୟୋଗଙ୍କ ଅନୁମତି ବିନା ଏବଂ ସମାଧାନ ଅନ୍ତର୍ଗତ ବକେୟା ଟିକସ ପଇଠର ଉଦ୍ଦେଶ୍ୟ ବ୍ୟତୀତ ବ୍ୟବସାୟର କାରବାରରେ ବିନିଯୁକ୍ତ ପୁଞ୍ଜିପତ୍ର ବାଦ ଦେଇ ତାଙ୍କର କୌଣସି ଚଳନ୍ତି କିମ୍ବା ଅଚଳ ସମ୍ପତ୍ତିକୁ ସ୍ଥାନାନ୍ତର, ବନ୍ଧକ, ନ୍ୟସ୍ତ କିମ୍ବା ଅନ୍ୟକୁ ହସ୍ତାନ୍ତର କିମ୍ବା କୌଣସି ଉପାୟରେ ଭାରଗ୍ରସ୍ତ ନକରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ ।

ଜୁନ୍ 1954ରେ ଏହି ନ୍ୟାୟାଳୟର ନିଷ୍ପତ୍ତି ପରେ ସୁରଜ ମାଲ ମୋହତା ବନାମ ଏ. ଭି. ବିଶ୍ୱନାଥ ଶାସ୍ତ୍ରୀ ଏବଂ ଅନ୍ୟ ଜଣେ ([1]) ଆବେଦକ ସମ୍ବିଧାନର ଅନୁଚ୍ଛେଦ 32ର ପ୍ରାବଧାନ ଅନୁଯାୟୀ ଏହି ଆବେଦନକୁ ପସନ୍ଦ କରିଥିଲେ ଏବଂ ଅଭିଯୋଗ କରିଥିଲେ ଯେ ତାଙ୍କୁ ପରାମର୍ଶ

([1]) ଏ.ଆଇ.ଆର୍ 1954 ଏସ୍.ସି. 545.

1954

ସେଠ୍ ଗୋପାଳ ଦାସ ମୋହତା ବନାମ. ଭାରତ ସଂଘ ଏବଂ ଅନ୍ୟମାନେ

ମୁଖ୍ୟ ନ୍ୟାୟାଧୀଶ ମହାଜନ୍

ଦିଆଯାଇଥିଲା ଯେ ଏହି ଅଧିନିୟମ ଅନୁଯାୟୀ ସମଗ୍ର କାର୍ଯ୍ୟାନୁଷ୍ଠାନ ଯାହା ତାଙ୍କ ଉପରେ 18,44,949 ଟଙ୍କା ଦାୟିତ୍ୱ ଲଦି ଦେଇଥିଲା ଏବଂ ପୂର୍ବରୁ 13,99,175 ଟଙ୍କା ଦେୟ କରାଯାଇଥିଲା ତାହା ସମ୍ପୂର୍ଣ୍ଣ ବେଆଇନ, କ୍ଷମତାତୀତ, ଅବୈଧ ଏବଂ ଅସାମ୍ବିଧାନିକ ଥିଲା ଏବଂ ଆୟକର କର୍ତ୍ତୃପକ୍ଷ ତାଙ୍କଠାରୁ 4,50,000 ଟଙ୍କା ଆଦାୟ କରିବାକୁ ଆଇନଗତ ଭାବେ ଯୋଗ୍ୟ ନୁହଁନ୍ତି । ଆବେଦନର ଆଧାରରେ ଏହା ଦର୍ଶାଯାଇଥିଲା ଯେ 1947 ମସିହା ଅଧିନିୟମ XXXର ଧାରା 5, 6, 7 ଏବଂ 8 ଅବୈଧ ଏବଂ କ୍ଷମତାତୀତ ଥିଲା କାରଣ ଏହା ସମ୍ବିଧାନର ଧାରା 14, 19 (1) (f) ଏବଂ 31 ର ପ୍ରାବଧାନକୁ ଉଲ୍ଲଂଘନ କରେ ଏବଂ ଏହି ଅଧିନିୟମ ଅନୁଯାୟୀ ବର୍ଗୀକରଣ ପାଇଁ କୌଣସି ଯୁକ୍ତିଯୁକ୍ତ କିମ୍ବା ନ୍ୟାୟସଙ୍ଗତ ଆଧାର ନାହିଁ, ଏବଂ ଏହି ଅଧିନିୟମ କାର୍ଯ୍ୟପାଳିକାକୁ ସମାନ ଶ୍ରେଣୀର ଟିକସଦାତାଙ୍କୁ ବାଛିବା ଏବଂ ସେମାନଙ୍କ ମଧ୍ୟରେ ପାର୍ଥକ୍ୟ ସୃଷ୍ଟି କରିବାର ଅବାଧ ଏବଂ ନିରଙ୍କୁଶ ଅଧିକାର ପ୍ରଦାନ କରିଛି । ଏହା ମଧ୍ୟ ଅଭିଯୋଗ କରାଯାଇଥିଲା ଯେ, ଲୁକ୍କାୟିତ ଲାଭକୁ ଆବିଷ୍କାର କରିବା ପାଇଁ ଅଧିନିୟମରେ ନିର୍ଦ୍ଧାରିତ ପ୍ରକ୍ରିୟା ଭାରତୀୟ ଆୟକର ଆଇନର ଧାରା ୩୪ ଅନୁଯାୟୀ ନିର୍ଦ୍ଧାରିତ ପ୍ରକ୍ରିୟାଠାରୁ ଯଥେଷ୍ଟ ଭିନ୍ନ ଏବଂ କରଦାତାମାନଙ୍କ ପାଇଁ ଅଧିକ ପ୍ରତିକୂଳାତ୍ମକ ଥିଲା । ଏହି ଆବେଦନର ଚୂଡ଼ାନ୍ତ ଅନୁଚ୍ଛେଦରେ ଏକ ଉପଯୁକ୍ତ ଆଜ୍ଞାଦେଶ କିମ୍ବା ନିର୍ଦ୍ଦେଶନା ଜାରି କରି ଏହି ଅଧିନିୟମ ଅଧୀନରେ କେନ୍ଦ୍ର ସରକାର ଏବଂ ଉତ୍ତରଦାତା ଆୟୋଗଙ୍କ ଦ୍ୱାରା ପାରିତ ସମସ୍ତ ଆଦେଶ ଏବଂ ସମଗ୍ର କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରିବା ଏବଂ ଆବେଦନକାରୀଙ୍କ ବିରୋଧରେ ଏହି ଅଧିନିୟମ ଅଧୀନରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ପାଇଁ ଅନୁରୋଧ କରାଯାଇଥିଲା । ଏହା ମଧ୍ୟ ଅନୁରୋଧ କରାଯାଇଥିଲା ଯେ ଆବେଦନକାରୀଙ୍କୁ 6 ପ୍ରତିଶତ ସୁଧ ସହିତ 13,99,715-10-6 ଟଙ୍କା ଫେରସ୍ତ କରିବା ପାଇଁ ଏକ ନିର୍ଦ୍ଦେଶ ଜାରି କରାଯାଉ ଏବଂ ଆବେଦନକାରୀଙ୍କ ବିରୋଧରେ ସୁଧ ସହିତ 4,50,000 ଟଙ୍କା ଫେରସ୍ତ ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ପାଇଁ ଉତ୍ତରଦାତାମାନଙ୍କୁ ଆହୁରି ବାରଣ କରାଯାଉ ।

ଆମ ବିଚାରରେ ଏହି ଆବେଦନ ସଂପୂର୍ଣ୍ଣ ଭୁଲ ଧାରଣା ଅଟେ । ଆବେଦନକାରୀ ପୂର୍ବରୁ ଯେତିକି ଟିକସ ପୈଠ କରିସାରିଛନ୍ତି କିମ୍ବା ତାଙ୍କଠାରୁ ଯାହା କିଛି ଆଦାୟ କରାଯିବା ବାକି ରହିଛି, ତାହା ତାଙ୍କ ଦ୍ୱାରା ପ୍ରସ୍ତାବିତ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱୀକୃତ ହୋଇଥିବା ସାମାଧାନ ଆଧାରରେ ଆଦାୟ କରାଯାଉଛି । ସମାଧାନ ପାଇଁ ତାଙ୍କର ଅନୁରୋଧ ହେତୁ ଆୟକର ଅଧିନିୟମର ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଅନୁସରଣ କରି ତାଙ୍କ ବିରୋଧରେ କୌଣସି ଆକଳନ କରାଯାଇନଥିଲା । ଏହି ପରିସ୍ଥିତିରେ ଯେପର୍ଯ୍ୟନ୍ତ ଆବେଦନକାରୀ ଏହା ପ୍ରମାଣିତ କରିନାହାଁନ୍ତି ଯେ ତାଙ୍କର ସମ୍ପତ୍ତି 'ଅନୁଚିତ ଭାବରେ ସଂଗ୍ରହ କରାଯାଇଥିଲା ଏବଂ ସେ ସେଥିପାଇଁ ଆବଦ୍ଧ ନୁହଁନ୍ତି, ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ସେ ତାଙ୍କର କୌଣସି ମୌଳିକ ଅଧିକାର ଉଲ୍ଲଂଘନ ହୋଇଛି ବୋଲି ଅଭିଯୋଗ କରିପାରିବେ ନାହିଁ ଯାହା ପାଇଁ ସେ ଉପଶମ ଦାବି କରିପାରିବେ ।

1954
ସେଠ୍ ଗୋପାଳ ଦାସ ମୋହତା ବନାମ. ଭାରତ ସଂଘ ଏବଂ ଅନ୍ୟମାନେ

ମୁଖ୍ୟ ନ୍ୟାୟାଧୀଶ ମହାଜନ୍

ସମ୍ବିଧାନ ଅନୁଚ୍ଛେଦ 32 କୌଣସି ବ୍ୟକ୍ତିଙ୍କ ସ୍ୱେଚ୍ଛାକୃତ କାର୍ଯ୍ୟ ବିରୁଦ୍ଧରେ ଆଶ୍ୱସ୍ତି ପାଇଁ ଉଦ୍ଦିଷ୍ଟ ନୁହେଁ । ତାଙ୍କର ପ୍ରତିକାର, ଯଦି କିଛି ଥାଏ, ତେବେ ତାହା ଅନ୍ୟ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନରେ ନିହିତ ।

ଆବେଦନକାରୀଙ୍କ ବିଜ୍ଞ ଓକିଲ ଯୁକ୍ତି ବାଢ଼ିଥିଲେ ଯେ ସମାଧାନ ପାଇଁ ଆବେଦନ ପରିସ୍ଥିତିର ଚାପରେ ଏବଂ 1947 ର XXX ଅଧିନିୟମର ବାଧ୍ୟକରଣ ପରିଚାଳନାକୁ ଦୃଷ୍ଟିରେ ରଖି କରାଯାଇଛି ଏବଂ ଏହିପରି ପରିସ୍ଥିତିରେ ହୋଇଥିବା ସମାଧାନ ବାଧ୍ୟତାମୂଳକ ନୁହେଁ ଏବଂ ଏହାକୁ କାର୍ଯ୍ୟକାରୀ କରାଯାଇପାରିବ ନାହିଁ । ଏପରି ଯୁକ୍ତିର ଯୋଗ୍ୟତା ଯାହା ହେଉନା କାହିଁକି, ସମ୍ବିଧାନର ଅନୁଚ୍ଛେଦ 32ର ବ୍ୟବସ୍ଥା ଅନୁଯାୟୀ କରାଯାଇଥିବା ଆବେଦନରେ ଏହା ପରିଲିକ୍ଷିତ ଭାବରେ ଉଠାଯାଇପାରିବ ନାହିଁ । ଏଭଳି ଅଭିଯୋଗର ଅନୁସନ୍ଧାନ ପାଇଁ ଥିବା ବିଚାରପୀଠ ଅନ୍ୟତ୍ର ରହିଛି । ଏହାର ପରିଣାମ ହେଉଛି ଯେ ଏହି ଆବେଦନ ବିଫଳ ହୋଇଛି ଏବଂ ଖର୍ଚ୍ଚ ସହିତ ଖାରଜ ହୋଇଛି ।

ଆବେଦନକୁ ଖାରଜ କରାଗଲା ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ରାମଚନ୍ଦ୍ର ସାହୁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।